# ଓଡ଼ିଆ ଚାରଣ କବି

ଡ଼ଃ ଜାନକୀ ବଲ୍ଲଭ ମହାନ୍ତି(ଭରଦ୍ୱାଜ)

ଚାରଣ କବିତା ଓଡ଼ିଆ କାବ୍ୟରଚନାର ପରମ୍ପରା ସମ୍ମତ ନୁହେଁ । ୟୁରୋପୀୟ ଓ ଭାରତର କେତେକ ପ୍ରାନ୍ତୀୟ ସାହିତ୍ୟରେ ଚାରଣ କବିତା ରଚନାର ପରମ୍ପରା ଥିଲେ ହେଁ ଓଡ଼ିଶାର ଚଳଣୀ ଅଥବା ସାହିତ୍ୟରେ ରଚନା କ୍ଷେତ୍ରରେ ଏହି ରୀତିର ନିଦର୍ଶନ ମିଳେନାହିଁ ।

ରାଜ ପ୍ରଶସ୍ତିଗାନ ଅଥବା ଦେଶର ବୀରମାନଙ୍କ ଗୌରବ ବର୍ଣ୍ଣନା ଚାରଣ କବିମାନଙ୍କର ବୃତ୍ତି ଥିଲା । ଏହି କବିମାନେ ରାଜଦରବାରରେ ଅଥବା ଜନଗୋଷ୍ଠୀର ଗୀତଗାନ କରୁଥିଲେ । ଗ୍ରୀକ୍ କବି ହୋମରଙ୍କ ରଚିତ ଓ ଡେସିରେ ଅନ୍ଧ ଚାରଣ କବି ସେମୋଡ୍‌କସ୍ ଗ୍ରୀକ୍ ବୀରମାନଙ୍କ ଦ୍ୱାରା ଟ୍ରୟର ପତନ ବିଷୟକୁ ଉପଜୀବ୍ୟ କରି ଏକ ଗୀତାଗାନ କରିଥିବା ଓ ଏହା ଶୁଣିବାକୁ ପାଇ ଗ୍ରୀକ୍ ବୀର ଆଗାମେମ୍‌ନନ୍‌ଙ୍କ ହୃଦୟ ଦ୍ରବୀଭୂତ ହୋଇଯାଇଥିବାର ବର୍ଣ୍ଣନା ସନ୍ନିବିଷ୍ଟ । ଏଥିରୁ ଖ୍ରୀଷ୍ଟପୂର୍ବ ଯୁଗରୁ ଚାରଣ ଗୀତଗାନ ପାଶ୍ଚାତ୍ୟ ଜଗତରେ ପ୍ରଚଳିତ ଥିବା ଜଣାଯାଏ । ଭାରତବର୍ଷରେ ମଧ୍ୟ ରାଜସ୍ଥାନର ଚାରଣ କବିଗଣ ରାଜପୁତ ବୀରମାନଙ୍କ ଗୌରବକୁ ଉପଜୀବ୍ୟ କରି ଚାରଣ ଗୀତ ରଚନା କରୁଥିବା ଜଣାଯାଏ ।

ମାତ୍ର ଓଡ଼ିଶାରେ କବିମାନେ ରାଜପ୍ରଶସ୍ତିମୂଳକ ଗୀତ ରଚନା କରିଥିବାର ଦୃଷ୍ଟାନ୍ତ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ମିଳେନାହିଁ । କବିମାନେ ତାହାଙ୍କ ରଚନାକୁ ରାଜାଙ୍କ ନାମରେ ଭଣିତା କରିଥିବାର ଦୃଷ୍ଟାନ୍ତ ଓଡ଼ିଆ ସାହିତ୍ୟରେ ପ୍ରଚୁର । ମାତ୍ର ନିର୍ଦ୍ଦିଷ୍ଟ ଭାବରେ କୌଣସି ରାଜାଙ୍କର ବୀରତ୍ୱ ବା ସୌର୍ଯ୍ୟକୁ ଉପଜୀବ୍ୟ କରି କୌଣସି କାବ୍ୟ ଓଡ଼ିଆରେ ପ୍ରଣୀତ ହୋଇନାହିଁ । ବର୍ଣ୍ଣନା ଅଛି ଭକ୍ତ କବି ଦୀନକୃଷ୍ଣ ରାଜକୀୟ ପ୍ରଲୋଭନ ତଥା ଅନୁଗ୍ରହକୁ ଉପେକ୍ଷା କରି କହିଥିଲେ-

ଜଗତ ସୃଷ୍ଟି ଆନ ହେଲେ
ଏ ଗୀତ ଆନକୁ ନବୋଲେ ।

ସେ ପୁନଶ୍ଚ ରସକଲ୍ଲୋଳରେ ଲେଖିଛନ୍ତି –

କବି ଯା କରେ ମୁର୍ଖକୁ ସ୍ତୁତି
ଏଥିରୁ ବଳି ନାହିଁ ବିପତ୍ତି
ଏଥିକୁ ପ୍ରତି ଛାତିରେ କାତି ମାରିବା ଭଲ ଯେ ।

ସ୍ଥାନାନ୍ତରକୁ ଯାଇ ଧର୍ମୋପଦେଶ ମୂଳକ ଗୀତ ଗାଇ, ଜନସାଧାରଣଙ୍କୁ ଶୁଣାଇବା ହିଁ ଥିଲା ଓଡ଼ିଶାର ଚାରଣ କବିମାନଙ୍କର ସର୍ବପ୍ରଧାନ କାର୍ଯ୍ୟ । ଏହାର ନିଦର୍ଶନ ଏବେ ମଧ୍ୟ ଦେଖିବାକୁ ମିଳିଥାଏ । ଚକୁଳିଆ ପଣ୍ଡାମାନେ ଏବେ ଏହା ସମ୍ପାଦନ କରୁଅଛନ୍ତି । କେତୋଟି ସୁପରିଚିତ ଉପାଖ୍ୟାନ, ବଉଳାଗାଈ ଗୀତ, ଗୋବିନ୍ଦଚନ୍ଦ୍ର ଗୀତ, ବଳୀବାବନ ଚରିତ, ଦାନୀ କର୍ଣ୍ଣ ଉପାଖ୍ୟାନ ପ୍ରଭୃତି ସେମାନେ ସାଧାରଣତଃ ବୋଲିବାର ଶୁଣାଯାଏ ।

ପ୍ରାଚୀନ କବିମାନଙ୍କ ମଧ୍ୟରୁ ରାଜଦରବାର ସହ ସଂପର୍କ ରଖିଥିବା କବି ଭାବରେ ବ୍ରଜନାଥ ବଡ଼ଜେନା, ଯଦୁମଣି ମହାପାତ୍ର, କବସୂର୍ଯ୍ୟ ବଦଦେବ ରଥଙ୍କ ନାମ ଉଲ୍ଲେଖଯୋଗ୍ୟ । ବ୍ରଜନାଥ ରାଜକୀୟ ଗୌରବ ସମ୍ୱଳିତ ଏକ ଖଣ୍ଡକାବ୍ୟ ସମରତରଙ୍ଗ ଲେଖିଛନ୍ତି । ଏହା ଏକ ସତ୍ୟ ଘଟଣା ଉପରେ ଆଧାରିତ ଓ ଏଥିରୁ ଢେଙ୍କାନାଳର ତତ୍କାଳୀନ ରାଜା ତ୍ରିଲୋଚନ ମହୀନ୍ଦ୍ରଙ୍କ ସାହସିକତା ଓ ବୀରତ୍ୱ ବିଷୟ ଆମେ ଅବଗତ ହୋଇଥାଉ । ଏତଦ୍‌ସତ୍ତ୍ୱେ କବି ଅନ୍ୟତ୍ର ରାଜାଙ୍କୁ ପରିହାସ କରିବାକୁ ମଧ୍ୟ ପଶ୍ଚାତ୍‌ପଦ ହୋଇନାହାନ୍ତି । ତାଙ୍କ ରାଜନଙ୍କୁ ଛଳୋକ୍ତି ଏହାର ପ୍ରକୃଷ୍ଟ ନିଦର୍ଶନ । ଯଦୁମଣି ରାଜଦରବାର ସହ ତତ୍କାଳୀନ ରାଜ ଚରିତ୍ରର ଦୋଷତ୍ରୁଟି ପ୍ରଦର୍ଶନ କରାଇବାରେ ଥିଲେ ବେଶ୍ ଧୂରନ୍ଧର । ଏହା ତାହାଙ୍କ କ୍ଷୁଦ୍ର କ୍ଷୁଦ୍ର ପଦମାନଙ୍କରୁ ଜଣାଯାଇଥାଏ । କବିସୂର୍ଯ୍ୟଙ୍କ ଭଣିତା ପ୍ରସଙ୍ଗରେ ରାଜପ୍ରଶସ୍ତି କରିଅଛନ୍ତି । ମାତ୍ର ବିରତ୍ୱ ବା ଜାତୀୟ ଗୌରବ ସମ୍ୱଳିତ ରଚନାର ନିଦର୍ଶନ ତାଙ୍କ କୃତିରୁ ମିଳେନାହିଁ ।

ଅପ୍ରୀତିକର ହେଲେ ହେଁ ଏହାର କାରଣ ସ୍ୱରୂପ ଏହାହିଁ ଉଲ୍ଲେଖ କରାଯାଇପାରେ ଯେ ଷୋଡ଼ଶ ଶତାବ୍ଦୀ ପରେ କେତେକ ବିଶିଷ୍ଟ କବିଙ୍କ ବ୍ୟତୀତ ଓଡ଼ିଶା ସେପରି ଶୂର, ବୀର ଓ ଦେଶଭକ୍ତ ସମ୍ମାନାସ୍ପଦ ମହାନ୍ ବ୍ୟକ୍ତିଙ୍କୁ ପାଇବାର ସୌଭାଗ୍ୟ ଲାଭ କରିପାରି ନାହିଁ । ପଠାଣ ଓ ମୋଗଲ ରାଜତ୍ୱ କାଳରେ କୌଣସି ବ୍ୟକ୍ତି ବା ରାଜପୁରୁଷ ଓଡ଼ିଶାର ସମ୍ମାନ ଅଥବା ଶ୍ରୀଜଗନ୍ନାଥଙ୍କ ସମ୍ମାନ ରକ୍ଷା ପାଇଁ ଆତ୍ମୋତ୍ସର୍ଗ କରିଥିବାର ପ୍ରମାଣ ମିଳେନାହିଁ । ଓଡ଼ିଶାର ଭୋଇବଂଶୀୟ ଠାକୁର ରାଜା ଏହି ସମୟ ମଧ୍ୟରେ ନାମକୁ ମାତ୍ର ରାଜା ଥିଲେ । ସେମାନଙ୍କ ଦରବାରରେ କୌଣସି କବି ଆଶ୍ରିତ ଥିବାର ଅଥବା ସେଠାରୁ ପୃଷ୍ଠପୋଷକତା ପାଇଥିବାର ପ୍ରମାଣ ମଧ୍ୟ

ମିଳେନାହିଁ । ଏଣୁ ଷୋଡ଼ଶ ଶତାବ୍ଦୀର ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଚାରଣ କବିତା ବିରହିତ । ଏତଦ୍‌ବ୍ୟତୀତ ଓଡ଼ିଶାର ପ୍ରାଚୀନ କବିଗଣ ସମାଜ ସଚେତନ ନଥିଲେ କିମ୍ବା ଓଡ଼ିଶା ତଥା ଭାରତର ରାଜନୈତିକ ଅବସ୍ଥା ବିଷୟରେ ଅବହିତ ନଥିଲେ । ସେଥିପାଇଁ ଉପେନ୍ଦ୍ର, ଦୀନକୃଷ୍ଣ ପ୍ରମୁଖ ମଧ୍ୟକାଳୀନ କବିମାନଙ୍କ ରଚନାବଳୀରେ ଚାରଣଧର୍ମୀତା ପରିଲକ୍ଷିତ ହୁଏନାହିଁ ।

ତଥାପି ଓଡ଼ିଶା ରାଜଭବନମାନଙ୍କରେ ଭାଟମାନେ ଗୀତ ଗାନକରିବାର ପରମ୍ପରା ଥିଲା । ପ୍ରତ୍ୟୁଷକାଳରେ ସାଧାରଣତଃ ବାଦ୍ୟ ବାଜିବା ପରେ ଭାଟମାନେ ରାଜପ୍ରଶସ୍ତି ଗାନ କରୁଥିଲେ । ଏଥିପାଇଁ ଭାଟ ପଦବୀଧାରୀ ବ୍ୟକ୍ତି ମଧ୍ୟ ଥିବା ଜଣାଯାଏ । ମାତ୍ର ବିଗତ ଶତାବ୍ଦୀରେ ଓଡ଼ିଶାରୀ ବରଦ ରାଜବଂଶରେ କ୍ଷାତ୍ରଧର୍ମର କୌଣସି ଅବଶେଷ ନଥିବାସ୍ଥଳେ ସ୍ତୁତିପାଠକଙ୍କ ଉକ୍ତି ଗୁଡ଼ିକ ଯେ ନିରର୍ଥକ, ବାଗାଡ଼ମ୍ବରପୂର୍ଣ୍ଣ ଶବ୍ଦାବଳୀ ସମ୍ବଳିତ ଥିଲା ଏପରି ଅନୁମାନ ସଙ୍ଗତ ମନେହୁଏ ।

ଅଷ୍ଟାଦଶ ଶତାବ୍ଦୀର ଢେଙ୍କାନାଳ ରାଜା ତ୍ରିଲୋଚନ ମହୀନ୍ଦ୍ରଙ୍କ ଦରବାରରେ ଜଣେ ବିଦେଶୀ ଭାଟ ଆସି ଉପସ୍ଥିତ ହୋଇ ରାଜାଙ୍କର ପ୍ରଶସ୍ତିସୂଚକ ଏକ ହିନ୍ଦୀଗୀତ ଗାନ କରିଥିବାର ବର୍ଣ୍ଣନା କରି ବ୍ରଜନାଥଙ୍କ ରାଜସଭା ଖଣ୍ଡବକାବ୍ୟରୁ ମିଳିଥାଏ । ଗଜପତିଙ୍କ କ୍ଷମତା ଖର୍ବହେବା ପରେ ଓଡ଼ିଶାର କରଦ ରାଜାମାନେ ସାମାଜିକ ସମ୍ମାନରୁ ବଂଚିତ ହେଲେ ଓ ଭିକ୍ଷାବୃତ୍ତି କରବାକୁ ବାଧ୍ୟ ହୋଇଥିଲେ । ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଭାଷାକୋଷରୁ ମଧ୍ୟ ତାହା ହିଁ ଜଣାଯାଏ । ସାରଳା ଦାସଙ୍କ ମହାଭାରତର ବହୁସ୍ଥାନରେ ଭାଟ ଶବ୍ଦର ବ୍ୟବହାର ହୋଇଛି । ଯଥା-

ନଟ ଭାଟ ଭିକ୍ଷାଣୀ ଥିଲେକ ଯେତେ ଜନ
ଦରିଦ୍ର ଜନେ ଦିଲେ ଅନେକ ରତ୍ନମାନ - ଆଦିପର୍ବ

ଭାଟ ଓ ଚାରଣ ସମଅର୍ଥ ବୋଧକ । ଇଂରାଜୀ ସାହିତ୍ୟରେ ଏମାନେ ବାର୍ଡ଼ ବା ମିନିଷ୍ଟ୍ରେଲ ନାମରେ ପରିଚିତ ଥିଲେ । ୟୁରୋପରେ ଅତୀତର ସମ୍ମାନଜନକ ବିବେଚିତ ହେଉଥିବା ଭାଟପ୍ରଥା ୧୬ଶ ଶତାବ୍ଦୀରେ ଏକ ଘୃଣ୍ୟ ବୃତ୍ତିରୂପେ ବିବେଚିତ ହେଇଥିଲା ।

ପ୍ରାଚୀନ ହିନ୍ଦୀ ସାହିତ୍ୟ ଚାରଣ କବିମାନଙ୍କ ଦାନରେ ଥିଲା ସମୃଦ୍ଧ । ଏହି ରଚନାଗୁଡ଼ିକ ରାସୋ ନାମରେ ପ୍ରସିଦ୍ଧ । ତ୍ରୟୋଦଶ ଶତାବ୍ଦୀରେ ଏଗୁଡ଼ିକ ମୁଖ୍ୟତଃ ରଚିତ ହୋଇଥିଲା । ସେଥିପାଇଁ କେହି କେହି ଆଲୋଚକ ଏହାକୁ ହିନ୍ଦୀ ସାହିତ୍ୟରେ ଚାରଣ କବିତାର ଯୁଗ ନାମରେ ଅଭିହିତ କରିଛନ୍ତି । ତତ୍କାଳୀନ ରାଜନୈତିକ ପରିସ୍ଥିତି ଏତାଦୃଶ କବିତା ରଚନା ପାଇଁ କବିମାନଙ୍କୁ ଅନୁପ୍ରାଣିତ କରିଥିଲା । ଏହି ସମୟରେ ରାଠୋର, ଚୌହାନ, ଶୋଲାଙ୍କି, ପୱାର, ଚନ୍ଦେଲ, ପରହାର ପ୍ରଭୃତି ରାଜପୁତ ଗୋଷ୍ଠୀ ନିଜ ନିଜ ରାଜ୍ୟ ବିସ୍ତୃତି ପାଇଁ ପରସ୍ପର ସହ ସର୍ବଦା ସଂଘର୍ଷରେ ଲିପ୍ତ ଥିଲେ । ଯୁଦ୍ଧ ହୋଇପଡ଼ିଥିଲା ସେମାନଙ୍କ ପକ୍ଷେ ଏକ ବିଳାସ । ଏହି ସମୟରେ ମଧ୍ୟ ବହିଃଶତ୍ରୁମାନଙ୍କ ଦ୍ୱାରା ଭାରତବର୍ଷ ଆକ୍ରାନ୍ତ ହୋଇଥିଲା । ଏତାଦୃଶ ପରିବେଶରେ ଯୁଦ୍ଧଭିତ୍ତିକ କେତେକ ରଚନା ସୃଷ୍ଟି ହେବା ସ୍ୱାଭାବିକ । ତତ୍କାଳୀନ ରାଜାମାନଙ୍କୁ ପରିତୁଷ୍ଟ କରିବା ପାଇଁ ରାଜଆଶ୍ରିତ କବିଗଣ ରାଜପ୍ରଶସ୍ତି ମୂଳକ କାବ୍ୟ ମଧ୍ୟ ରଚନା କରୁଥିଲେ । ଏହିମାନେ ହିଁ ଥିଲେ ଚାରଣ କବି ଓ ସେମାନେ ମଧ୍ୟ ତାହାଙ୍କ ଆଶ୍ରୟଦାତା ରାଜାମାନଙ୍କ ସହି ଯୁଦ୍ଧକ୍ଷେତ୍ରକୁ ଯାଇ ଗୀତ ଗାନ ପୂର୍ବକ ସୈନ୍ୟମାନଙ୍କୁ ଉଦ୍‌ବୃଦ୍ଧ କରୁଥିଲେ ।

ହିନ୍ଦୀ ଚାରଣ କବିତାକୁ ସେଥିରେ ନିୟୋଜିତ ଭାଷା ଦୃଷ୍ଟିରୁ ଡ଼ିଙ୍ଗଳ ଓ ପିଙ୍ଗଳ ଭେଦରେ ଦୁଇ ଭାଗରେ ବିଭକ୍ତ କରାଯାଏ । କର୍କଶ ଓ କଠିନ ଶବ୍ଦ ସମ୍ବଳିତ ରାଜପୁତାନାର କଥ୍ୟ ଉପଭାଷାର ନାମ ଡ଼ିଙ୍ଗଳ ଓ ଦିଲ୍ଲୀର ପୂର୍ବାଞ୍ଚଳବର୍ତ୍ତୀ ଅପଭ୍ରଂଶ ଭାଷା ବା ତତ୍କାଳୀନ କଥିତ ଭାଷା ପିଙ୍ଗଳ ନାମରେ ପରିଚିତ ଥିଲା । ଏହି ପିଙ୍ଗଳ ଭାଷା ଥିଲା ଅପେକ୍ଷାକୃତ ଲଳିତ ଓ ମାର୍ଜିତ । ଯାହାହେଉ ଏହି ଚାରଣ କବିତାଗୁଡ଼ିକ ଥିଲା ଗାଥାମୂଳକ ଓ ତାହାକୁ ଆବୃତି କରାଯାଇଥିଲା । ହିନ୍ଦୀ ଚାରଣ କବିତାମାନଙ୍କ ମଧ୍ୟରେ ନରପତି ନଲହାଙ୍କ ରଚିତ **ବିସଲଦେବ ରାସେ** ପ୍ରାଚୀନତମ । ଏଥିରେ ରାଜା ବିସଳଦେବ ଓ ରାଜମତୀଙ୍କ ରଚିତ ପ୍ରଣୟ ବର୍ଣ୍ଣିତ । ଚାରଣ କବିତା ଭାବେ ଚନ୍ଦ ବରଦାଙ୍କ **ପୃଥିରାଜ ରାସୋ** ହିନ୍ଦୀ ସାହିତ୍ୟ କ୍ଷେତ୍ରରେ ସୁପରିଚିତ । ଉଦାହରଣ ସ୍ୱରୂପ ପୂର୍ବୋକ୍ତ ରାସ ଦ୍ୱୟର ଦୁଇଟି ପଙ୍କ୍ତି ଏଠାରେ ଉଦ୍ଧୃତ ହେଲା ।

(୧) ପରଣବା ଚାଲ୍ୟୋ ବିସଲରାବ
ଚଉରାଶ୍ୟା ସହୁ ଲିଆ ବୋଲାଇ
ଜାନ ତଣି ସାଜତି କରଉ
ଜିରହ ରଙ୍ଗା ବଳି ପହରଯ୍ୟୋ ଟୋପ ।
ହୁଅଇ ପଇସା ରଉ ବିସଲ ରାବ
ଆବି ସୟଲ ଅନ୍ତ ବହି ରାବ
ରୂପ ଅପୂରବ ପେଖି ଯଇ

ଇସି ଅସ୍ତ୍ରୀ ନହି ନୟଲ ସଂସାର
ଅତି ରଙ୍ଗ ସ୍ୱାମିସୁ ମିଲି ରାତି
ବେଟି ରାଜା ଭୋଜକୀ ।
(୨) ପୁସ୍ତକ ଜହ୍ନନ ହତ୍ଥ ଦେ
ଚଲି ଗଜ୍ଜନ ନୃପ କାମ
ରଘୁନାଥ ଚରିତ ହନୁମନ୍ତ କୃତ
ଭୂପ ଭୋଜ ଉଦ୍ଧରିଅ ଜମି
ପୃଥ୍ୱୀରାଜ ସୁଯଶ କବିଚନ୍ଦକୃତ
ଚନ୍ଦ ନନ୍ଦ ଉଦ୍ଧରିଅ ତିମି ।

ପରିଭାଷା ଦୃଷ୍ଟିରୁ **ସମର ତରଙ୍ଗ** କୁ ଚାରଣ କରିବା କହିବା ସମ୍ପର୍କରେ ମତଦ୍ୱୈଧ ହୋଇପାରେ । ମାତ୍ର ଜନସଧାରଣଙ୍କୁ ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ରଚିତ କବିତାକୁ ଚାରଣ କବିତା ଓ ଜାତୀୟ ଭାବନା ଉଦ୍ଦୀପକ ଗୀତ ରଚୟିତାଙ୍କୁ ଯଦି ଚାରଣ କବି ବୋଲି ଗ୍ରହଣ କରାଯାଏ, ତେବେ ଏତାଦୃଶ କବିତା ଓଡ଼ିଆରେ ଚଳିତ ଶତାବ୍ଦୀରେ ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମିରେ ହିଁ ଚରିତ ହୋଇଅଛି । ଏହିଭାବେ କବି ବୀରକିଶୋର ଓ ବାଞ୍ଛାନିଧି ଓଡ଼ିଶାର ଚାରଣ କବିଭାବେ ସ୍ମରଣୀୟ । ଏହି ଦୁଇ କବି ସ୍ୱାଧୀନତା ସଂଗ୍ରାମର ସଂଘର୍ଷ ସଂକୁଳ ପରିବେଶ ମଧ୍ୟରେ ବହୁ ଜାତୀୟବାଦୀ କବିତା ରଚନା କରି ଜନଜୀବନରେ ପ୍ରଚୁର ଉତ୍ସାହ ଓ ଉନ୍ମାଦନା ଖେଳାଇ ଦେଇଥିଲେ ।

ସ୍ୱାଧୀନତା ସଂଗ୍ରାମର ଚାରଣ କବି ଭାବେ ବୀରକିଶୋର (୧୮୯୬-୧୯୭୨) ଅଗ୍ରଗଣ୍ୟ । ଜାତୀୟ କବି ଭାବେ ସେ ଚିର ନମସ୍ୟ ଓ ବରଣୀୟ । କବିର ସମ୍ବେଦନଶୀଳ କୋମଳ ହୃଦୟବତ୍ତା ଥିଲା ତାଙ୍କର ସହଜାତ ଗୁଣ । କିଶୋର ବୟସରୁ ହିଁ ତାହାଙ୍କ କବିତାନୁରାଗ ଓ ସୃଜନଶୀଳତାର ଉନ୍ମେଷ ଘଟିଥିଲା । ଟାଉନ ଭିକ୍ଟୋରିଆ ସ୍କୁଲର (ଆଧୁନିକ ଭକ୍ତ ମଧୁ ବିଦ୍ୟାପୀଠ) ଛାତ୍ର ଥିବାବେଳେ ଷୋହଳ ବର୍ଷ ବୟସରେ ରଚିତ ତାହାଙ୍କ **ଶଶିର ଟୋପା** କବିତା ମୁକୁରରେ ପ୍ରକାଶ ପାଇଥିଲା । ମାତ୍ର ତତ୍କାଳିନ ରାଜନୈତିକ ପରିସ୍ଥିତିହିଁ ତାଙ୍କର କବି ମାନସକୁ ଏକ ବୈପ୍ଲବିକ ଚେତନାରେ ଉଦ୍‌ବୃଦ୍ଧ କରିଦେଲା । ଅବସ୍ଥା, ଦୃଷ୍ଟିରୁ ଉଚ୍ଚ ଶିକ୍ଷା ଲାଭର ଆଶା ପରିତ୍ୟାଗ କରି ସେ ବାରିକ ମିସ୍ତ୍ରୀ ବିଭାଗରେ କାର୍ଯ୍ୟ କରୁଥିଲେ ହେଁ ଗାନ୍ଧିଜୀଙ୍କ ଅସହଯୋଗ ଆହ୍ୱାନରେ ସେ ହେଲେ ଅନୁପ୍ରାଣୀତ । ଏ ଦେଶର ଚାଷୀ ମୁଲିଆର ଦୁଃଖ ତାହାଙ୍କ ହୃଦୟକୁ ବିଚଳିତ କରିଥିଲା । ବିଦେଶୀ ଶାସନର ଶୋଷଣ, ଅତ୍ୟାଚାରର କାହାଣୀ ତାଙ୍କ ହୃଦୟରେ ବିପ୍ଲବର ଯେଉଁ ଅଗ୍ନିଶିଖା ପ୍ରଜ୍ୱଳିତ କରାଇଥିଲା ତାହା ହିଁ ରୂପ ଲାଭ କଲା ତାଙ୍କ ପ୍ରଥମ କବିତା ପୁସ୍ତକ **ମୋହନ ବଂଶୀ**ରେ ।

ବୀରକିଶୋରଙ୍କ ସମବୟସ୍କ ତଥା ସମକାଳୀନ ଅନ୍ୟତମ ଚାରଣ କବି ହେଉଛନ୍ତି ବାଞ୍ଛାନିଧି ମହାନ୍ତି । ସ୍ୱାଧୀନତା ସଂଗ୍ରାମର ସନ୍ଦେଶକୁ ଓଡ଼ିଶାର ଜନ ଜୀବନରେ ପ୍ରସାରିତ କରାଇବାରେ ତାହାଙ୍କ ସଂଗୀତ ମଧ୍ୟ ଅନୁପମ ସଫଳତା ଲାଭ କରିଥିଲା । କର୍ମୀ ଭାବରେ, ଅସହଯୋଗୀ ଭାବରେ ସେ ଯାହା ଅନୁଭବ କରିଥିଲେ, ଯେଉଁ ରାଜନୈତିକ ବିଚାରଧାରାକୁ ଆଦର୍ଶ ଭାବରେ ଗ୍ରହଣ କରି ନେଇଥିଲେ ତାହାକୁ ହିଁ ସେ ତାହାଙ୍କ ଲେଖନୀରେ ରୂପ ଦେଇ ଯାଇଛନ୍ତି ।

ଭଦ୍ରକ ବାସୁଦେବପୁର ଥାନା ଇରମ ଗ୍ରାମରେ ଏକ ସମ୍ଭ୍ରାନ୍ତ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ । ଆଦ୍ୟ ଯୌବନରେ ସେ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣର ସ୍ୱପ୍ନ ଦେଖିଥିଲେ ଓ ସେହି ଉପଲକ୍ଷେ ବହୁ ସଂଗୀତ ରଚନା କରିଥିଲେ । ମାତ୍ର ଏହାପରେ ମହାତ୍ମାଗାନ୍ଧିଙ୍କ ଅସହଯୋଗର ବାର୍ତ୍ତା ଏ ଦେଶର ଯୁବ ଚିତ୍ତରେ ଯେଉଁ ଉନ୍ମାଦନା ଖେଳାଇଦେଇଥିଲା ତାହାହିଁ ବାଞ୍ଛାନିଧିଙ୍କୁ କରିଥିଲା ବିପ୍ଳବର ଅଗ୍ନିମନ୍ତ୍ରରେ ଅଭିମନ୍ତ୍ରିତ । ବିଦେଶୀ ବସ୍ତ୍ର ବର୍ଜନ, ନିଶା ନିବାରଣ, ଅସ୍ପୃଶ୍ୟତା ଆନ୍ଦୋଳନ, ଖଦୀ ପ୍ରଚାର ପ୍ରଭୃତି ରଚନାତ୍ମକ କାର୍ଯ୍ୟକ୍ରମ ସହ ଅସହଯୋଗ, ହରତାଳ ପ୍ରଭୃତିରେ କବି ନିଜକୁ ହଜାଇଦେଲେ ।

ଏହାପରେ ୧୯୩୦ରେ ଲବଣ ସତ୍ୟାଗ୍ରହ, ଗାନ୍ଧିଙ୍କର କାରାବରଣ, ଓଡ଼ିଶାରେ ବିଦେଶୀ ରାଜତନ୍ତ୍ରର ଦମନମୂଳକ ଅତ୍ୟାଚାର, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ପ୍ରଥମ ମନ୍ତ୍ରୀମଣ୍ଡଳ ଗଠନ ପର୍ଯ୍ୟନ୍ତ ଓଡ଼ିଶାର ବିବିଧ ରାଜନୈତିକ କର୍ମପ୍ରବାହ ତାହାଙ୍କ ସଂଗୀତ ସୃଷ୍ଟିର ମୂଳ ଉତ୍ସହୋଇଛି । ନୂତନ ସାହିତ୍ୟ ସୃଷ୍ଟି, ସାହିତ୍ୟର ବିକାଶ ସାଧନ, ଖ୍ୟାତି ବା ଅର୍ଥଲାଳସା ବା ସଂଗୀତ କ୍ଷେତ୍ରରେ ପରୀକ୍ଷା ନିରୀକ୍ଷା ପାଇଁ ସେ ସଂଗୀତ ରଚନା କରିନଥିଲେ । ରାଜନୈତିକ କର୍ମୀ ଜୀବନର ଆବଶ୍ୟକତା ପୂରଣ ଲାଗି ତାଙ୍କର ଅଧିକାଂଶ ସଂଗୀତ ରଚିତ । ଓଡ଼ିଶାର ପୁରପଲ୍ଲୀରେ ଜାତୀୟ ସଂଗ୍ରାମର ବାଣୀ କିପରି ସହଜରେ ପ୍ରଚାରିତ ହୋଇପାରିବ, ରାଜେନୈତିକ କର୍ମଜୀବନ କିପରି ଅଧିକ ଉତ୍ସାହ, ଉନ୍ମାଦନାପୂର୍ଣ୍ଣ ହୋଇପାରିବ, ଏହି ଉଦ୍ଦେଶ୍ୟରେ ହିଁ ତାଙ୍କ ସଂଗୀତାବଳୀ ରଚିତ । ସେଥିପାଇଁ ସହଜ ଓ ସରଳ ଭାଷାରେ, ସହଜ ରାଗରାଗିଣୀରେ ସେ ଗୀତଗୁଡ଼ିକୁ ରଚନା କରିଥିଲେ ।

ତାଙ୍କ ଗୀତଗୁଡ଼ିକ ଉତ୍କଳ ବୀଣା ନାମରେ ଦୁଇ ଖଣ୍ଡରେ (ପ୍ରଥମ ଝଙ୍କାର ଓ ଦ୍ୱିତୀୟ ଝଙ୍କାର) ପ୍ରକାଶ ପାଇଥିଲା । ଅତୀତରେ ସ୍ୱାଧୀନତା ଆନ୍ଦୋଳନର ବିବିଧ ପର୍ଯ୍ୟାୟରେ ସଂଗୀତ କିପରି ଜନଜୀବନରେ ଉନ୍ମାଦନା ଖେଳାଉଥିଲା, ତାହା ଆଜି ଏକ କଳ୍ପନାର ସାମଗ୍ରୀ । କବି ନିଜେ ଥିଲେ ସୁଗାୟକ । ମାତ୍ର ଏକଚାଳିଶ ବର୍ଷ ବୟସରେ ଏହି ପ୍ରତିଭାଶାଳୀ ଗାୟକ କବିଙ୍କର ଦେହାନ୍ତ ହୋଇଥିଲା । ଯେଉଁ ସ୍ୱାଧୀନତା ଲାଭ ପାଇଁ ସେ ବହୁ ନିର୍ଯ୍ୟାତନା ସହିଥିଲେ, ଯେଉଁ ସ୍ୱାଧୀନତା ସ୍ୱପ୍ନରେ ତାଙ୍କର ସଂଗୀତବଳୀ ଅନୁରଂଜିତ, ସେହି ସ୍ୱାଧୀନତା ଲାଭର ସୁଦିନ ଦେଖିବା କବିଙ୍କ ଜୀବନ କାଳରେ ସମ୍ଭବ ହୋଇପାରିନଥିଲା । କିନ୍ତୁ ସ୍ୱରାଜ୍ୟ ଲାଭ ପୂର୍ବରୁ  କବିଙ୍କ ଆଶଙ୍କା ଯେ କେତେ ଯଥାର୍ଥ ତାହା ଆଜି ଆମକୁ ତାଙ୍କର ସେହି ସୁପରିଚିତ ସଂଗୀତ ସ୍ମରଣ କରାଇଦିଏ । ଦେଶବାସୀଙ୍କ ପେଟ ନପୂରିଲେ, ଚାଷୀର ଅନ୍ନବସ୍ତ୍ର ସମସ୍ୟା ଦୂର  ନହେଲେ ଓ ସମାଜର ଆର୍ଥିକ ବୈଷମ୍ୟ ଅପସାରିତ ନହେଲେ ସ୍ୱାଧିନତା ନିରର୍ଥକ । କବି ଲେଖିଥିଲେ-

କି ହେବ ସେ ସ୍ୱରାଜ୍ୟ ଘେନି
　　ଯେବେ ମୋର ନପୂରେ ପେଟ
ଖଟି ଖଟି ମଲେଣି ମୂଲିଆ
　　ଚାଷୀ ଚଷି ଦାନା କନା ନିଅଣ୍ଟ ।
ମୋ ଭାଇର ବାଟିକୁ ବାଟି
　　ଅମାର ତ ପଡୁଛି ଫାଟି
ମୋ ଚାଳେ ନାହିଁ ଛପର କୁଟାଟି
　　ମୋ ଭାଇ ଶୋଇଛି ଛପର ଖଟ ।

ସେ ଯୁଗର ମନ୍ତ୍ରୀତ୍ୱ ଲାଳସାକୁ ବ୍ୟଙ୍ଗକରି ସେ ଯେଉଁ ସଂଗୀତ ରଚନା କରିଥିଲେ, ତାହା ଆଜିର ମନ୍ତ୍ରୀତ୍ୱ ଲାଳସା ବ୍ୟକ୍ତିମାନଙ୍କ ପକ୍ଷେ ଚେତାବନୀ ସ୍ୱରୂପ-

ମୁଁ ଯଦି ମନ୍ତ୍ରୀ ହୁଏ ଜୀବନ ମୋହର
　　ଧନ୍ୟ ହେବ,
ତୁଚ୍ଛା ଗୋଟେ ଛୋଟ ଉପାଧିରେ
　　ଶ୍ରମ କି ମୋହର ସଫଳ ହେବ
ମନ୍ତ୍ରୀ ହେଲେ ଟଙ୍କା ହଜାର,
　　ହେବ ସିନା ମୋ ରୋଜଗାର
ନଥାଉ କ୍ଷମତା ପଛେ
　　ମନ ସ୍ୱାଦ ମୋର ମେଣ୍ଟନ ହେବ ।

ବାଞ୍ଛାନିଧିଙ୍କ ସଂଗୀତ ମୁଖ୍ୟତଃ ଆହ୍ୱାନଧର୍ମୀ । ଏଥିରେ କି ଅସ୍ପୃଶ୍ୟମାନଙ୍କୁ ଭାଇ ସମ୍ବୋଧନ କରିଛନ୍ତି ଓ ସମାଜରୁ ଏହି କଳଙ୍କ ଦୂର କରିବାକୁ ଆହ୍ୱାନ ଜଣାଇଛନ୍ତି । ନାରୀମାନଙ୍କୁ ସମାଜ ଓ ଦେଶ ବିଷୟରେ ଅବହିତ ଓ ଜାଗ୍ରତ ହେବାଲାଗି ଆହ୍ୱାନ କରିଛନ୍ତି । ସେ ଯୁଗରେ ଅହିଂସା ମନ୍ତ୍ରରେ ଦୀକ୍ଷିତ ଅସହଯୋଗୀ କର୍ମୀମାନଙ୍କ ଦୁର୍ଦ୍ଦଶା କିପରି ମର୍ମନ୍ତୁଦ ଥିଲା, ତାହା କବିଙ୍କର ସଂଗୀତରେ ସଜୀବ -

ଅପମାନ ଗାଳି ଗୋଇଠା ପ୍ରହାର
ଖାଇ ସେ ପ୍ରହାର କରନ୍ତୁ ଜୁହାର
ଅନାହାରେ କାରାଗାରେ କେତେ କାଳ
ନିଷ୍ଠୁରେ ମଲେଣି ମରଣ ଅକାଳ
ପୁରଣ ହେଉଛି ପରା ପାପ କାଳ
ଦୁଃଖ ନିଶିପରା ପାଉଛି ରେ ।

ବିଦେଶୀ ଅତ୍ୟାଚାରରେ ଉତ୍ପୀଡ଼ିତ ଶ୍ରୀଜଙ୍ଗର ଅଧିବାସୀଙ୍କ ସଂର୍ପରେ କବି ଲେଖିଛନ୍ତି-

ନିରୀହ ମୂରୁଖ ଗ୍ରାମବାସୀ ନରେ
ପଳାଇ ଲୁଚିଲେ ଅତ୍ୟାଚାର ଡ଼ରେ ।
ବାଳକ ବାଳିକା ଅନାଥିନୀ ନାରୀ

କେତେସଂଖ୍ୟା କିଏ ଗଣିଛିରେ
ଶ୍ମଶାନରୁ ବଳି ହୋଇଲା ଶ୍ମଶାନ
ଠାବେ ଠାବେ ଉଠେ ବିକଳ କ୍ରନ୍ଦନ
କା ଛାତି ସହିବ, କେ ଧୃତି ଧରିବ
ଯେ ଥରେ ସେ ବାଟେ ଯାଇଛିରେ ।

କବି ରଚନା କରିଥିବା ବହୁ ପଟୁଆର ସଂଗୀତ, ପତାକା ସଂଗୀତ ସ୍ୱାଧୀନତା ଆନ୍ଦୋଳନକୁ ଆଗେଇ ନେବାରେ ପ୍ରଭୁତ ସାହାଯ୍ୟ କରିଛି, ଏହା କହିବା ବାହୁଲ୍ୟ ମାତ୍ର । ଯେଉଁ ଉନ୍ମାଦନା, ଉଦ୍ଦୀପନା ସେତେବେଳେ ଏଇ ଗୀତସବୁ ସୃଷ୍ଟି କରୁଥିଲା, ତାହାର ପଟାନ୍ତର ନାହିଁ । ସେ ଗୀତମାନଙ୍କ ମଧ୍ୟରୁ ଗୋଟିଏ ହେଉଛି–

(ଗାଆ) ସ୍ୱାଧୀନ ଭାରତ ସ୍ୱାଧୀନ ଭାରତ
ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ
ଗାଏ ସାଗର ଭୂଧର ଅମ୍ବର ଚୁମ୍ବିତ
ଭାଲ ହିମାଚଳ ଗିରିବର କମ୍ପିତ
ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ ।
କଂପେ ବିନ୍ଧ୍ୟଗିରି କାନନ କୁଞ୍ଜେ
ଲମ୍ଫେ ନିର୍ଝରିଣୀ ପ୍ରପାତ ପୁଞ୍ଜେ
ଜାତୀୟ କେତନ ଉଡ଼ଇ କି ଗର୍ବ
ଅରିକୁଳ ଦର୍ପ କରିବ କି ଖର୍ବ
(ସେତ) ଜାତୀୟ ଗୌରବ, ଜାତୀୟ ସମ୍ପଦ, ଜାତୀୟ ଜୀବନରେ ।

ଏହାଛଡ଼ା ତାଙ୍କର ଅନ୍ୟ ଏକ ପ୍ରିୟ ସଂଗୀତ ହେଉଛି –

କହ କହ କେଉଁ ଜାତି ପାଇଛି ମୁକତି
        କରି ହୁରି ହାରି ଗୁହାରି
ହେ ପାଇଛି କେ ସୁଖ, ଲିଭାଇଛି ଦୁଃଖ
        ମାଗି ମାଗି ପଥ ଭିକାରୀ ।
ଧନଜନ ଯୁକ୍ତ ଭାରତମାତା
        ନମୋ ନମୋ ଜନନୀ ଶ୍ରୀଚରଣେ
ସନ୍ତାନ ବନ୍ଦେ ପ୍ରେମାନନ୍ଦେ
        ଯା ଚିତ୍ତ କରୁଣା ମା ଶରଣେ ।

ସ୍ୱରର ମଧୁର ଝଙ୍କାର ଲାଗି ଏହି ସବୁ କବିତା ଜନପ୍ରିୟ ହୋଇଥିଲେ ହେଁ ଭାବ ଦୃଷ୍ଟିରୁ ତାହା ନଗଣ୍ୟ ନୁହେଁ । କବି ବହୁ ସ୍ୱାଗତ ଗୀତିତା, ଶୋକ ଗୀତିକା, ବନ୍ଦନା ମଧ୍ୟ ଲେଖିଛନ୍ତି । ମାତ୍ର ସବୁ ସେଇ ଜାତୀୟ ଭାବନାରେ, ବିପ୍ଳବ ଚେତନାରେ ଉଜ୍ଜୀବିତ । ଦେବୀଙ୍କୁ ବନ୍ଦନା କରି କବି ଭାରତର ଦୁର୍ଦ୍ଦଶା ମୋଚନ ଲାଗି ଓ ଶକ୍ତି ପ୍ରଦାନ ଲାଗି ପ୍ରାର୍ଥନା କରିଛନ୍ତି ।

ସ୍ୱର ଯୋଜନାରେ କବିଙ୍କ ଉଦାରତା ମଧ୍ୟ ଉଲ୍ଲେଖଯୋଗ୍ୟ । ସେ ଓଡ଼ିଶାର ଲୋକସଂଗୀତ, ପ୍ରାଚୀନ କବିଙ୍କ ଗୀତ, କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ଠାରୁ ଆରମ୍ଭ କରି ବଂଗଳା ସଂକୀର୍ତ୍ତନ, ତତ୍କାଳୀନ ବହୁ ବଙ୍ଗଳା ଓ ହିନ୍ଦୀ ଗୀତ ସ୍ୱରରେ ସଂଗୀତ ରଚନା କରିଯାଇଛନ୍ତି ।

ଏତାଦୃଶ ଚାରଣ କବିତା ରଚନା ଲାଗି କବି ଜୀବନରେ ବହୁ ନିର୍ଯ୍ୟାତନା ଭୋଗ କରିଥିଲେ ହେଁ ଜନଜୀବନରେ ଆପଣା ରଚନାର ବିପୁଳ ପ୍ରଭାବ ସେମାନେ ଜୀବଦ୍ଦଶାରେ ପ୍ରତ୍ୟକ୍ଷ କରିବାର ସୁଯୋଗ ଲାଭ କରିଥିଲେ । ଏହା ହିଁ ଚାରଣ କବିତାର ବୈଶିଷ୍ଟ୍ୟ ଓ ଏହା କବିଦ୍ୱୟଙ୍କ ପରମ ସୌଭାଗ୍ୟ ।

ଅବସରପ୍ରାପ୍ତ ପ୍ରଫେସର
ଜୟଦେବ ନଗର, ଭୁବନେଶ୍ୱର